# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**26 April – 2025**

**News Editor : Tapan Kumar Moharana**

*************************************

## ମୁଖ୍ୟ ସମ୍ବାଦ

- ରୋମାନ୍ କ୍ୟାଥଲିକ୍ ଚର୍ଚ୍ଚର ଧର୍ମଗୁରୁ ପୋପ୍ ଫ୍ରାନ୍‌ସିସ୍‌ଙ୍କର ଭାଟିକାନ୍ ସିଟିଠାରେ ଶେଷକୃତ୍ୟ ସମ୍ପନ୍ନ
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ କରିବେ ଭାବବିନିମୟ
- କୈଳାଶ ମାନସରୋବର ଯାତ୍ରା ପାଇଁ ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଆରମ୍ଭ

ଏବଂ

- ଗ୍ରୀଷ୍ମ ପ୍ରକୋପ ଆସନ୍ତାକାଲି ପର୍ଯ୍ୟନ୍ତ ଜାରି ରହିବ; ପାଣିପାଗ ବିଭାଗର ସୂଚନା

## ପୋପ୍ ଶେଷକୃତ୍ୟ

ରୋମ୍‌ର ସେଣ୍ଟ୍ ମେରୀ ମେଜର୍‌ର ବାସିଲିକାଠାରେ ପୋପଫ୍ରାନ୍‌ସିସ୍‌ଙ୍କ ଅନ୍ତିମ ସଂସ୍କାର ପ୍ରକ୍ରିୟା ଶେଷ ହୋଇଛି । ଭାଟିକାନ୍ ସହରର ସେଣ୍ଟ ପିଟର୍ସଠାରେ ଶେଷକୃତ୍ୟ ସମାରୋହରେ ବିଭିନ୍ନ ରାଷ୍ଟ୍ରମୁଖ୍ୟ ଓ ବିଶ୍ୱର ବିଭିନ୍ନ ଦେଶର ପ୍ରମୁଖ ପ୍ରତିନିଧି ଯୋଗଦେଇଥିଲେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍, ବ୍ରାଜିଲ୍ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଦା ସିଲ୍‌ଭା ଏବଂ ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିୟର ମିଲିଙ୍କ ସମେତ ଅନ୍ୟାନ୍ୟ ବିଶ୍ୱ ନେତାମାନେ ଏହି ସଂସ୍କାର ପ୍ରକ୍ରିୟାରେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ପୋପ୍ ଫ୍ରାନ୍‌ସିସ୍‌ଙ୍କର ଶେଷକୃତ୍ୟ ପୂର୍ବରୁ ତାଙ୍କର ପାର୍ଥିବ ଶରୀରକୁ ଭାଟିକାନ୍ ସିଟିର ସେଣ୍ଟ ମେରି ମେଜର୍ କବର ସ୍ଥଳକୁ ଏକ ଶୋଭାଯାତ୍ରାରେ ନିଆଯାଇଥିଲା । ସେଠାରେ କଲେଜ ଅଫ୍ କାର୍ଡ଼ିନାଲ୍‌ସ ପକ୍ଷରୁ ଶେଷ ପ୍ରାର୍ଥନା ଏବଂ ଆନୁଷ୍ଠାନିକ ଭାବେ ତାଙ୍କର ପାର୍ଥିବ ଶରୀରକୁ ଭଗବାନ୍‌ଙ୍କୁ ଅର୍ପଣ କରାଯାଇଛି ।

ରୋମାନ୍ କ୍ୟାଥଲିକ୍ ଚର୍ଚ୍ଚର ୨୬୬ତମ ପୋପ୍ ଫ୍ରାନ୍‌ସିସ୍‌ଙ୍କ ଗତ ୨୧ ତାରିଖ ଦିନ ୮୮ ବର୍ଷ ବୟସରେ ଭାଟିକାନ୍ ସିଟିରେ ପରଲୋକ ଘଟିଥିଲା ।

# ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବବିନିମୟ କରିବେ । ଏହା ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ର ୧୨୧ତମ ସଂସ୍କରଣ ହେବ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

# ପିଏମ୍-ରୋଜଗାରମେଳା

ରାଷ୍ଟ୍ର ନିର୍ମାଣରେ ଯୁବଗୋଷ୍ଠୀଙ୍କ ଅଂଶଗ୍ରହଣ ଯୋଗୁଁ ଦେଶ' ବିଶ୍ୱର ସ୍ୱତନ୍ତ୍ର ପରିଚୟ ପାଇବା ସହ ଦ୍ରୁତ ବିକାଶ ପଥରେ ଅଗ୍ରସର ହେଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ କେନ୍ଦ୍ର ସରକାରଙ୍କର ବିଭିନ୍ନ ବିଭାଗ ଓ ପ୍ରତିଷ୍ଠାନରେ ନିଯୁକ୍ତି ପାଇଥିବା ୫୧ ହଜାରରୁ ଅଧିକ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରି ଶ୍ରୀ ମୋଦୀ କହିଛନ୍ତି, କଠିନ ପରିଶ୍ରମ ଏବଂ ଉଦ୍ଭାବନ ବଳରେ ଯୁବପିଢ଼ି ଦେଶରେ ରହିଥିବା ସମ୍ଭାବନା ସଂପର୍କରେ ବିଶ୍ୱକୁ ଅବଗତ କରାଉଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ବଜେଟ୍‌ରେ ସରକାର ଉତ୍ପାଦନ କ୍ଷେତ୍ରକୁ ମିଶନ ମୋଡ୍‌ରେ କାର୍ଯ୍ୟକାରୀ କରିବା ନେଇ ବ୍ୟବସ୍ଥା କରାଯାଇଛି । ମେକ୍ ଇନ୍ ଇଣ୍ଡିଆ ଅଭିଯାନକୁ ପ୍ରୋତ୍ସାହନ ପ୍ରଦାନ କରିବା ସହିତ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗୀଙ୍କୁ ଏହା ଦ୍ୱାରା ସହଯୋଗ ପ୍ରଦାନର ଲକ୍ଷ୍ୟ ରଖାଯାଇଛି ।

ଶ୍ରୀ ମୋଦୀ' ମୁମ୍ବାଇରେ ଆସନ୍ତା ମାସ ପହିଲାରୁ ଆରମ୍ଭ ହେବାକୁ ଥିବା ବିଶ୍ୱ ଦୃଶ୍ୟ, ଶ୍ରାବ୍ୟ ଓ ମନୋରଞ୍ଜନ ଶିଖର ସମ୍ମିଳନୀ ୱେଭ୍‌ସ-୨୦୨୫ ଉପରେ ଆଲୋକପାତ କରିଥିଲେ । ଦେଶର ୪୭ଟି ସ୍ଥାନରେ ଆଜି ଏହି ରୋଜଗାର ମେଳା ଅନୁଷ୍ଠିତ ହୋଇଥିଲା ।

## ନିଯୁକ୍ତି ମେଳା

ଭୁବନେଶ୍ୱରସ୍ଥିତ ସିଏସ୍‌ଆଇଆର ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନରେ ରୋଜଗାର ମେଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କେନ୍ଦ୍ର କର୍ପୋରେଟ୍ ବ୍ୟାପାର, ସଡକ ପରିବହନ ଓ ରାଜପଥ ରାଷ୍ଟ୍ରମନ୍ତ୍ରୀ ହର୍ଷ ମାଲହୋତ୍ରା ଯୋଗଦେଇ ୨୫୮ ଜଣ ନବନିଯୁକ୍ତ ଯୁବକ-ଯୁବତୀଙ୍କୁ ସରକାରୀ ଚାକିରିର ନିଯୁକ୍ତିପତ୍ର ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀ ମାଲହୋତ୍ରା କହିଥିଲେ, ୨୦୨୨ ମସିହାରୁ ଆରମ୍ଭ ହୋଇଥିବା ରୋଜଗାର ମେଳାଗୁଡ଼ିକରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଯୁବକ-ଯୁବତୀଙ୍କୁ ସରକାରୀ ଚାକିରି ଦିଆସରିଛି ।

## ରବି ଋତୁ – ଧାନ କିଣା

ରବି ଋତୁ ପାଇଁ ରାଜ୍ୟ ସରକାର ୨୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିବା ଲାଗି ଲକ୍ଷ୍ୟ ରଖିଛନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ

ଚନ୍ଦ୍ର ପାତ୍ର କହିଛନ୍ତି । ଯୋଗାଣ ବିଭାଗ ପକ୍ଷରୁ ଧାନ ସଂଗ୍ରହ ପକ୍ଷରୁ  ପ୍ରସ୍ତୁତି ଆରମ୍ଭ ହୋଇଛି ଏବଂ ଏ ନେଇ ସର୍ଭେ କାର୍ଯ୍ୟ ଜାରି ରହିଛି ବୋଲି ଶ୍ରୀ ପାତ୍ର କହିଛନ୍ତି । ସୂଚନାଯୋଗ୍ୟ, ଚଳିତ୍ ଖରିଫ୍ ଋତୁରେ ୭୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣାଯାଇଛି ।

## ଓ୍ୱେଭ୍ସ୍-ଆନିମେସନ

ବିଶ୍ୱ ଦୃଶ୍ୟ, ଶ୍ରାବ୍ୟ ଓ ମନୋରଞ୍ଜନ ଶିଖର ସମ୍ମିଳନୀ-ଓ୍ୱେଭ୍ସ୍-୨୦୨୫ ଅଧୀନରେ ଆୟୋଜିତ ଆନିମେସନ ଚଳଚ୍ଚିତ୍ର ନିର୍ମାତା ପ୍ରତିଯୋଗିତାର ଫାଇନାଲ୍‌ରେ ଅଂଶଗ୍ରହଣ କରିବା ପାଇଁ ସାରା ଦେଶରୁ ୪୨ ଜଣ ଚୂଡାନ୍ତ ପ୍ରତିଯୋଗୀଙ୍କ ନାମ ଚୟନ କରାଯାଇଛି । ଏଥିରେ ଓଡ଼ିଶାର ୨ ଜଣ ପ୍ରତିଯୋଗୀ ଫାଇନାଲକୁ ଉନ୍ନୀତ ହୋଇଛନ୍ତି । ସେମାନେ ହେଲେ ଯାଜପୁର ଧର୍ମଶାଳା ଜାରକା ଅଂଚଳର ଭାଗ୍ୟଶ୍ରୀ ଶତପଥୀ ଏବଂ ଭୁବନେଶ୍ୱରର ରିଷଭ୍ ମହାନ୍ତି । ସୂଚନାଯୋଗ୍ୟ, ଆସନ୍ତାମାସ ପହିଲାରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ଓ୍ୱେଭ୍ସ୍ ସମ୍ମିଳନୀ ଅନୁଷ୍ଠିତ ହେବ ।

## ମାନ ସରୋବର ଯାତ୍ରା

କୈଳାଶ ମାନସରୋବର ଯାତ୍ରା ୨୦୨୫ ଆସନ୍ତା ଜୁନ୍ ମାସରୁ ଅଗଷ୍ଟ ମାସ ମଧ୍ୟରେ ହେବ । ଏଥିନିମନ୍ତେ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜନ କରାଯାଉଥିବା ଏହି ତୀର୍ଥଯାତ୍ରା ନିମନ୍ତେ ଚଳିତବର୍ଷ ପ୍ରାୟ ୧୫ଟି ବ୍ୟାଚ୍ ପଠାଯିବ । ଏ ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ଆବେଦନକାରୀମାନେ ମନ୍ତ୍ରଣାଳୟର ଓ୍ୱେବ୍‌ସାଇଟ୍ ବ୍ୟବହାର କରିବା ଲାଗି ପରାମର୍ଶ ଦିଆଯାଇଛି ।

## ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

ମନୁଷ୍ୟର ଜୀବନଧାରଣରେ ପ୍ରାଣୀ ସମ୍ପଦର ଗୁରୁତ୍ୱ ନେଇ ପୃଥିବୀରେ ଆଜି ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନ କରାଯାଉଛି । ୨୦୦୧ ମସିହାରୁ ପ୍ରତିବର୍ଷ ଆଜିର ଦିନରେ ପ୍ରାଣୀମାନଙ୍କୁ ସହାନୁଭୂତି ମୂଳକ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନ ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଚଳିତ ବର୍ଷର ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସର ବାର୍ତ୍ତା ରହିଛି ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟପାଇଁ ଏକ ସଙ୍ଗଠିତ ପଦକ୍ଷେପର ଆବଶ୍ୟକତା ।

ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ରାଜ୍ୟ ସରକାର ଗାଇ ଓ ମଇଁଷି ପାଳନ ପାଇଁ ୭୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଏବଂ ଗୋମାତା ଯୋଜନାରେ ପ୍ରାଣୀ ସ୍ୱାସ୍ଥ୍ୟସେବାରେ ସୁଦୃଢ଼ୀକରଣ ବ୍ୟବସ୍ଥା ରହିଛି। ବୁଲା ଗାଇଗୋରୁଙ୍କ ପାଇଁ ଗୋଶାଳା ପ୍ରତିଷ୍ଠା ନିମନ୍ତେ ୫୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ଯୋଗାଇ ଦେଉଛନ୍ତି।

**ଦେବଗଡ଼** ଜିଲ୍ଲା ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଆୟୋଜିତ ବିଶ୍ୱ ପ୍ରାଣୀ ଚିକିତ୍ସା ପାଳନ କାର୍ଯ୍ୟକ୍ରମରେ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ବିଜୟ କୁମାର ପାତ୍ରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଜିଲ୍ଲାର ବିକାଶ ପାଇଁ ପଶୁପାଳନକୁ ବ୍ୟାପକ କରିବାର ଆବଶ୍ୟକତା ରହିଥିବା ଦିଗରେ ଆଲୋଚନା କରିଥିଲେ।

**ନୂଆପଡ଼ା**ଠାରେ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡକ୍ଟର ଆଲୋକ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କ ବିକାଶ ପାଇଁ ପଶୁପାଳନ

ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବହୁମୁଖୀ ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ।

## ଗଜପତି ମହାରାଜାଙ୍କ ଜୟନ୍ତୀ

ନୂତନ ଓଡ଼ିଶା ଗଠନର ଅନ୍ୟତମ କର୍ଣ୍ଣଧାର ଏବଂ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାରାଜାଙ୍କର ଆଜି ୧୩୪ତମ ଜୟନ୍ତୀ ପାଳନ ଅବସରରେ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି । ଏହି ଉପଲକ୍ଷେ ରାଜାଙ୍କର ପୈତୃକ ସ୍ଥାନ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି, ରାଜ୍ୟର ବିଭିନ୍ନ ସ୍ଥାନ ଏବଂ ଭୁବନେଶ୍ୱରରେ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଛି।

ବିଧାନସଭା ପରିସରରେ କୃଷ୍ଣଚନ୍ଦ୍ର ଗଜପତିଙ୍କର ଜୟନ୍ତୀ ପାଳିତ ହୋଇଛି। ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ଗଜପତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

**କୋରାପୁଟ** ସଦର ମହକୁମାଠାରେ ଆୟୋଜିତ ଗଜପତିଙ୍କ ଜୟନ୍ତୀ ଉତ୍ସବରେ ଜିଲ୍ଲାପାଳ ପ୍ରେମଲାଲ ହିୟାଲଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ।

**ଖୋର୍ଦ୍ଧା**ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଜୟନ୍ତୀ ସଭାରେ ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ଗଠନରେ ପାରଳା ମହାରାଜାଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ।

**ନୟାଗଡ଼** ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଜୟନ୍ତୀ ସମାରୋହରେ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ କୃଷ୍ଣଚନ୍ଦ୍ର ଗଜପତିଙ୍କ ଜାତି ପ୍ରେମ, ମାତୃଭାଷା ପ୍ରତି ଥିବା ତାଙ୍କର ଅନୁରାଗ ସମ୍ପର୍କରେ ଆଲୋଚନା କରିଥିଲେ ।

**ସମ୍ବଲପୁର**ଠାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ସଭାରେ ଅତିରିକ୍ତ ଜିଲ୍ଲାପାଳ ଅଭିଷେକ କିଷାନ, ପର୍ଯ୍ୟଟନ ବିଭାଗର ସହାୟକ ନିର୍ଦ୍ଦେଶକ ରବୀନ୍ଦ୍ର ଦଳାଇ ପ୍ରମୁଖ ଯୋଗଦେଇ ଗଜପତିଙ୍କ ସ୍ମୃତିଚାରଣ କରିଥିଲେ ।

**ମାଲକାନଗିରି**ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କୃଷ୍ଣଚନ୍ଦ୍ର ଗଜପତି ନାରାୟଣଦେବଙ୍କ ଜୟନ୍ତୀ ପାଳନ ସଭାରେ ଜିଲ୍ଲାପାଳ ଆଶୀଷ ଈଶ୍ୱର ପାଟିଲ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ ।

**ଗଜପତି**ଠାରେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ସାଂସଦ ଡକ୍ଟର ପ୍ରଦୀପ ପାଣିଗ୍ରାହୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଭାଷା ଭିତ୍ତିରେ ଓଡ଼ିଶା ପ୍ରଦେଶ ଗଠନରେ କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ ।

**ଦେବଗଡ, ଢେଙ୍କାନାଳ** ଜିଲ୍ଲାରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି ।

**ପ୍ରଭାତୀ ପରିଡା-ନିମାପଡା ଗସ୍ତ**

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜି ପୁରୀ ଜିଲ୍ଲା ନିମାପଡା ଅଞ୍ଚଳ ଗସ୍ତ କରି ବିଭିନ୍ନ ଶିକ୍ଷାନୁଷ୍ଠାନରେ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଅନ୍ୟ କେତେକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି। ଶ୍ରୀମତୀ ପରିଡା ପଞ୍ଚାୟତସମିତି କର୍ମଚାରୀମାନଙ୍କ ପାଇଁ ନୂତନ ଗୃହ ସମେତ ନିମାପଡ଼ା ଥାନାରେ ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

## ଦିଶା ମିଟିଂ

କଳାହାଣ୍ଡି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା କମିଟି-ଦିଶା ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଂସଦ ମାଳବୀକା ଦେବୀ ବୈଠକରେ ଯୋଗଦେଇ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍‌ୟନ ମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

## ଅଭିନନ୍ଦନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ’ ୨୮ତମ ଜାତୀୟ ଫେଡେରେସନ ବରିଷ୍ଠ ଦୌଡ଼କୁଦ ପ୍ରତିଯୋଗିତାରେ ପୁରୁଷ ବର୍ଗରେ ୨୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତି ଜାତୀୟ ରେକର୍ଡ ସୃଷ୍ଟି କରିଥିବା ଅନିମେଷ କୁଜୁର୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ କୁଜୁର୍ ୨୦ ଦଶମିକ ୪/୦ ସେକେଣ୍ଡ୍‌ରେ ୨୦୦ ମିଟର ଦୌଡ ଅତିକ୍ରମ କରି ଜାତୀୟ ରେକର୍ଡ ସୃଷ୍ଟିକରି ରାଜ୍ୟପାଇଁ ଗୌରବ ଆଣିଥିବା ଶ୍ରୀ ମାଝୀ କହିଛନ୍ତି। ଏହି ବିଜୟ ହାସଲ ସହ ଶ୍ରୀ କୁଜୁର୍ ଏସିଆନ୍ ଆଥଲେଟ୍ ଚାମ୍ପିଅନସିପ୍-୨୦୨୫ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଥିବାରୁ ଶ୍ରୀ ମାଝୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରକୋପ ଆସନ୍ତାକାଲି ପର୍ଯ୍ୟନ୍ତ ଜାରି ରହିବ ଏବଂ ସୋମବାରଠାରୁ ପାଗରେ ସାମାନ୍ୟ ପରିବର୍ତ୍ତନର ସମ୍ଭାବନା ଥିବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ଆସନ୍ତା ୨୪ ଘଣ୍ଟା ପାଇଁ ସମ୍ବଲପୁର, ଝାରସୁଗୁଡ଼ା, ବୌଦ୍ଧ ଓ ବଲାଙ୍ଗୀର ଜିଲ୍ଲା ପାଇଁ ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ସତର୍କ ସୂଚନା ଜାରି କରାଯାଇଛି । ସେହିପରି କାଳବୈଶାଖୀ ସହ ବର୍ଷା ନେଇ ୨୫ଟି ଜିଲ୍ଲାକୁ ମଧ୍ୟ ସତର୍କ ସୂଚନା ଦିଆଯାଇଛି ।

***********************************